# Akashvani, Sambalpur

## SAMBALPURI NEWS EVENING BULLETIN

## 29 April 2026-7.02- 7.12 pm.

---

୧- କେନ୍ଦୁଝର୍‌କେ ଦେଶର୍ ଗୁଟେ ଶିଳ୍ପ ସମୃଦ୍ଧ ଜିଲ୍ଲା କର୍‌ବାର୍ ଲାଗି ନିଆଯାଉଛେ ପଦକ୍ଷେପ୍ - କହେଲେ ମୁଖ୍ୟମନ୍ତ୍ରୀ ।

- ଗସ୍ତର୍ ୩ ନମ୍ବର୍ ଦିନେ ୧ ହଜାର୍ ୩ ଶହ ୩୦ କୋଟି ନୁ ଅଏତ୍‌କା ଟଙ୍କାର ଶହେ ୮୭ ଟା ପ୍ରକଳ୍ପର୍ କଲେ ଲୋକାର୍ପଣ୍ ଆଉ ଶିଳାନ୍ୟାସ୍ ।

୨- ଭାରତୀୟ ଗଣତନ୍ତ୍ରଥି ମହିଳାମାନ୍‌କର୍ ଯୋଗଦାନ୍ ବାବ୍‌ଦେ ଆଏବା କାଏଲ୍ ବିଧାନ୍‌ସଭା ନ ହେବା ଖାସ୍ ଅଧିବେଶନ୍ ।

୩- ଶାସନ୍ ବ୍ୟବସ୍ଥାଥି ସ୍ୱଚ୍ଛତା ଆଉ ତଥ୍ୟର୍ ସଠିକ୍ ବେଭାର୍‌କେ ନେଇକରି ଭୁବ୍‌ନେଶ୍ୱର୍ ନ ମୁଲ୍ ହେଲା ଶାସନ୍ ଲାଗି ପ୍ରଶାସନିକ୍ ତଥ୍ୟର୍ ସମନ୍ୱୟ ସମ୍ମିଳନୀ ।

ଆଉର୍

୪- ବୁଣାକାର୍ ଆଉ ଚାଷୀମାନ୍‌କର୍ ଜୀବନ୍‌କେ ସମୃଦ୍ଧ କର୍‌ବାର୍ ଲାଗି ସରକାର୍ ପ୍ରତିଶ୍ରୁତିବଦ୍ଧ ।

- ବରଗଡ଼ ଠାରେ ୬୭ କୋଟି ୩ ଅଏତ୍କା ଟଙ୍କାର ୬୫ ଟା ପ୍ରକଳ୍ପର ଶୁଭାରମ୍ଭ କଲେ ବୟନ ଶିଳ୍ପ ମନ୍ତ୍ରୀ ।

ମୁଖ୍ୟମନ୍ତ୍ରୀ କେନ୍ଦୁଝର ଗସ୍ତ            ଆଇ.ଆଣ୍ଡ୍.ପି.ଆର୍

କେନ୍ଦୁଝରକୁ ଦେଶର ଗୁଟେ ଶ୍ରେଷ୍ଠ ଶିଳ୍ପ ସମୃଦ୍ଧ ଜିଲ୍ଲା ବନାବାର୍ ଲାଗି ସବୁ ପ୍ରକାର୍ ପଦକ୍ଷେପ୍ ନିଆଯାଉଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । କେନ୍ଦୁଝର୍ ଠାନେ ହେଇଥିବା ବିକାଶ୍ ସମାବେଶ୍ଥି ଜିଲ୍ଲାର୍ ସାମଗ୍ରୀକ୍ ପ୍ରଗତି ଲାଗି ମୁଖ୍ୟମନ୍ତ୍ରୀ ୧ ହଜାର୍ ୩ ଶହ ୩୦ କୋଟି ୨୪ ଲାଖ୍ ଟଙ୍କା ଖର୍ଚ୍ଚାଥି ମୋଟ୍ ଶହେ ୮୭ ଟା ପ୍ରକଳ୍ପର୍ ଲୋକାର୍ପଣ୍ ଆଉ ଭିତିପ୍ରସ୍ତର୍ ଥାପନା କରିଛନ୍ । ଜିଲ୍ଲାବାସୀଙ୍କୁ ସ୍ମାର୍ଟ ସାଧାରଣ୍ ପରିବହନ୍ ବ୍ୟବସ୍ଥା ଯୁଗେଇ ଦେବାର୍ ଲାଗି ୨୫ ଟା ଅତ୍ୟାଧୁନିକ୍ ଇ-ବସ୍ ସହେତେ ୧୭ କୋଟି ଟଙ୍କା ଖର୍ଚ୍ଚାଥି ତିଆର୍ ହେଇଥିବା ଆମ ବସ୍ ଡିପୋର ଭିଲ୍ ଲୋକାର୍ପଣ୍ କରିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ ପାଖାପାଖି ୭ ଶହ ୫ କୋଟି ଟଙ୍କାର୍ ୬୨ ଟା ପ୍ରକଳ୍ପର୍ ଭିତିପ୍ରସ୍ତର୍ ଥାପ୍ନା କରାଯାଇଥିବାର୍ ବେଲେ ପାଖାପାଖି ୨ ଶହ ୫୧ କୋଟି ଟଙ୍କା ଖର୍ଚ୍ଚାଥି ତିଆର୍ ୨୪ ଟା ପ୍ରକଳ୍ପକେ ଲୁକଙ୍କର୍ ଉଦ୍ଦେଶ୍ୟଥି ଉତ୍ସର୍ଗ କରାଯାଇଛେ । ଇ ନୂଆଁ ପଦକ୍ଷେପ୍ ମାନ୍ ଭିତିଭୂମିକେ ବର୍‌କସ୍ କର୍‌ବାର୍ ସହେତେ ଗୁଟେ ବିକଶିତ୍ କେନ୍ଦୁଝର୍ ଆଉ ସମୃଦ୍ଧ ଓଡ଼ିଶା ଗଠନ୍ ଦିଗେ ସାହାଜ୍ କର୍‌ବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ପରିବହନ୍ ବ୍ୟବସ୍ଥାକେ ବର୍‌କସ୍ କରାଯିବାର୍ ଲାଗି ମହିଲା ସଶକ୍ତିକରଣ୍ କ୍ଷେତ୍ରଥି ଇଟା ମାଇଲ୍‌ଖୁଂଟା ହେଇପାରିଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଇତାର୍‌ଜରିଏ ଶହେ ୫୦ ଝନ୍ ନିଯୁକ୍ତି ପାଇଥିବାର୍ ବେଲେ ସେମାନ୍‌କର୍ ଭିତ୍‌ରେ ୩୦ ଝନ୍ ମହିଲା ଗାଇଡ଼୍ ଆଉ ୨ ଝନ୍ ମହିଲା ଡ୍ରାଇଭର୍ ସାମିଲ୍ ଅଛନ୍ । ରାଜ୍ୟ ସର୍‌କାର୍‌ଙ୍କର୍ ମହିଲା ଶକ୍ତି ଅଭିଯାନ୍‌କେ ଇଟା ଆହୁରି ସଶକ୍ତ କରିଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ବିଧାନ୍‌ସଭାର୍ ଖାସ୍ ଅଧିବେଶନ ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ବିଧାନ୍‌ସଭାର୍ ଖାସ୍ ଅଧିବେଶନ୍ ଆଏବାକାଏଲ୍ ହେବା । ଗୁଟେ ଦିନ୍ ଲାଗି ବସ୍‌ବାର୍‌କେ ଥିବା ଅଧିବେଶନ୍‌ଥି ଦେଶର୍ ଗଣତନ୍ତ୍ରଥି ମହିଳାମାନ୍‌କର୍ ଯୋଗ୍‌ଦାନ୍ ଉପ୍‌ରେ ଆଲୋଚନା ହେବା ।  ଅଧିବେଶନ୍ ଆଘୋନୁ ବିଧାନ୍‌ସଭା ପରିସର୍ ନ ୩ ଥାକିଆ ସୁରକ୍ଷା ବ୍ୟବସ୍ଥା କରାଯାଇଛେ । ପୁଲିସ୍ କମିଶନର୍ ସୁରେଶ୍ ଦେବଦତ ସିଂ ଆଏଜ୍ ସୁରକ୍ଷା ବ୍ୟବସ୍ଥାର୍ ସମୀକ୍ଷା କରିଛନ୍ । ନିରାପତା ଦୃଷ୍ଟିନୁ ପାଖାପାଖି ୩୦ ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ୍ କରାଯାଇଛେ । ଲୋୟର୍ ପିଏମ୍‌ଜି ଇଲାକା ନ କଡ଼ା ସୁରକ୍ଷା ବ୍ୟବସ୍ଥା ଭିଲ୍ କରାଯାଇଛେ ।

ରାଜସ୍ୱ ମନ୍ତ୍ରୀ- ବୈଠକ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀଙ୍କର୍ ଅଧକ୍ଷତାଥି କୁଇଲାଖଣି ଥିବା ଜିଲ୍ଲାମାନ୍‌କର୍ ତାପଜ ଶକ୍ତି ଆଉ ଅଲ୍‌ଗା ପ୍ରକଳ୍ପ ଲାଗି ଜମି ଅଧିଗ୍ରହଣ୍, ପୁନର୍ବାସ୍ ଆଉ ଥଇଥାନ୍ ବାବ୍‌ଦେ ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଜମି ଅଧିଗ୍ରହଣ୍ ଲାଗି ବିସ୍ଥାପିତ୍ ଲୁକଙ୍କର୍ ପୁନର୍ବାସ୍ ଆଉ

ଥଇଥାନକେ ସୁନିଶ୍ଚିତ୍ କର୍‌ବାର୍ ଲାଗି ଶ୍ରୀ ପୂଜାରୀ ନିର୍ଦ୍ଦେଶ୍ ଦେଇଛନ୍ । ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ଖୋବ୍ ଜଲ୍‌ଦି ପୁନର୍ବାସ୍ ଆଉ ଥଇଥାନ୍ ନୀତି କାର୍ଯ୍ୟକାରୀ କରାଯିବା ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

ଓର୍‌କାଡ଼୍ -ପରାମର୍ଶ କର୍ମଶାଳା ଆଇ.ଆଣ୍ଡ୍.ପି.ଆର୍

ବୟସ୍କ ଆଉ ଦିବ୍ୟାଙ୍ଗ ମାନ୍‌କର୍ ସମନ୍ୱିତ ଆଉ ଭବିଷ୍ୟତ୍ ମୁଖି ବ୍ୟବସ୍ଥା ଗଠନ୍ ଲକ୍ଷ୍ୟଥି ଭୁବ୍‌ନେଶ୍ୱର୍ ଠାନେ ପ୍ରସ୍ତାବିତ୍ ଓଡ଼ିଶା ରିସୋର୍ସ ସେଂଟର୍ ଫର୍ ଏଜିଂ ଏଣ୍ଡ୍ ଦିବ୍ୟାଙ୍ଗ ଜନ-ଓର୍‌କାଡ଼୍ ଉପ୍‌ରେ ଉଚ୍ଚସ୍ତରୀୟ ପରାମର୍ଶ କର୍ମଶାଳା ହେଇଯାଇଛେ । ସାମାଜିକ୍ ସୁରକ୍ଷା ଆଉ ଭିନ୍ନକ୍ଷମ ସଶକ୍ତିକରଣ୍ ବିଭାଗ୍ ଆଉ ଜାତିସଂଘ ଜନସଂଖ୍ୟା ପାଣ୍ଠିର୍ ମିଲିତ୍ ସହଯୋଗ୍‌ଥି ହେଇଥିବା ବୈଠକ୍‌ଥି ବରିଷ୍ଠ ଅଧିକାରୀ ୟୁନିସେଫ୍‌ର ପ୍ରତିନିଧି ଆଉ ବିଶେଷଜ୍ଞମାନେ ଯୋଗ୍ ଦେଇଥିଲେ । ଓର୍‌କାଡ଼୍ ରାଜ୍ୟସ୍ତର୍ ନ ଶ୍ରେଷ୍ଠ କେନ୍ଦ୍ର ଭାବେ କାମ୍ କରିକରି ବୟସ୍କ ଆଉ ଦିବ୍ୟାଙ୍ଗ ମାନ୍‌କର୍ ଲାଗି ତଥ୍ୟ

ଆଧାରିତ୍ ନୀତି ପ୍ରଣୟନ୍ ଆଉ ବିଭାଗୀୟ ତାଲ୍‌ମେଲ୍‌କେ ବର୍‌କସ୍ କର୍‌ବା ।

ପଶ୍ଚିମବଙ୍ଗ୍-ନିର୍ବାଚନ୍ ଆର୍‌ଏନ୍‌ୟୁ/ କଟକ୍

ପଶ୍ଚିମବଙ୍ଗ୍ ନ ଆଏଜ୍ ଶହେ ୪୨ ଟା ବିଧାନ୍‌ସଭା ଆସନ୍‌ଥି ୨ ନମ୍ବର୍ ଖେପେ ଭୋଟ୍ ହେଇଛେ । ନିର୍ବାଚନ୍ କମିଶନ୍‌ଙ୍କର୍ ସୂଚ୍‌ନା ଅନ୍‌ସାରେ ଉପର୍‌ବେଲାର୍ ୫ ବଜେତକ୍ ପାଖାପାଖି ୯୦ ପ୍ରତିଶତ୍ ମତଦାନ୍ ହେଇଥିବାର୍ ଜନାପଡ଼ିଛେ । ସଖାଲର୍ ୭ ବଜେନୁ ମୁଲ୍ ହେଇଥିବା ମତଦାନ୍ ପ୍ରକ୍ରିୟା ବେଲ୍‌ବୁଡ଼ର୍ ୬ ବଜେତକ୍ ଚାଲିଥିଲା । ୩ କୋଟି ୨୨ ଲାଖ୍ ନୁ ଅଏତ୍‌କା ଭୋଟର୍ ଇ ଖେପେ ୧ ହଜାର୍ ୪ ଶହ ୪୮ ଝନ୍ ପ୍ରାର୍ଥୀଙ୍କର୍ ରାଜନୈତିକ୍ ଭାଗ୍ୟ ନିର୍ଦ୍ଧାରଣ୍ କରୁଛନ୍ । କାଁ ଭାଁ ହିଂସାକାଣ୍ଡକେ ବାଦ୍ ଦେଲେ ମତଦାନ୍ ପ୍ରକ୍ରିୟା ଶାନ୍ତିପୂର୍ଣ୍ଣ ରହିଥିବାର୍ ଜନାପଡ଼ିଛେ ।

ପ୍ରଶାସନିକ୍ ତଥ୍ୟ ସମ୍ମିଳନୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ଉନ୍ନତି ହେଲେ ଦେଶ୍ ଉନ୍ନତିର୍ ଶିଘାଥି ପୁହୁଁଚିପାର୍‌ବା ବଲି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ କହିଛନ୍ । ଭୁବ୍‌ନେଶ୍ୱର୍ ଠାନେ କେନ୍ଦ୍ର ପରିସଂଖ୍ୟାନ୍ ଆଉ କାର୍ଯ୍ୟକ୍ରମ୍ ରୂପାୟନ୍ ମନ୍ତ୍ରଣାଲୟ ତର୍‌ଫୁ ଶାସନ୍ ଲାଗି ପ୍ରଶାସନିକ୍ ତଥ୍ୟର୍ ସମନ୍ୱୟ ବିଷୟବସ୍ତୁକେ ନେଇକରି ହେଇଥିବା ୨ ଦିନିଆ ଜାତୀୟ ସମ୍ମିଳନୀକେ ଉଦ୍‌ଘାଟନ୍ କରିକରି ଉପମୁଖ୍ୟମନ୍ତ୍ରୀ କହିଛନ୍, ଇହାଦେ ସବୁ କ୍ଷେତ୍ରଥି ତଥ୍ୟର ଜରୁରୀ ଭୂମିକା ରହିଛେ । ଡିଜିଟାଲ୍ ଯୁଗେ ପ୍ରଶାସନିକ୍ ତଥ୍ୟର୍ ତାଲ୍‌ମେଲ୍ ରଖ୍‌ବାର୍ ଜରିଏ ଲୁକଙ୍କର୍ ପାଶେ ସର୍‌କାରୀ ସୁବିଧା ଜଲ୍‌ଦି ଆଉ ଅତି ସହଜ୍‌କେ ପୁହୁଁଚି ପାର୍‌ବା । ୨୦୪୭ ବିକଶିତ୍ ଭାରତ୍ ଆଉ ୨୦୩୬ ସମୃଦ୍ଧ ଓଡ଼ିଶା ଲକ୍ଷ୍ୟ ପୁରା କର୍‌ବାର୍ ଦିଗେ ଇ ସମ୍ମିଳନୀ ଗୁଟେ ବର୍‌କସ୍ ମାଧ୍ୟମ୍ ହେବା । ଶାସନ୍ ବ୍ୟବସ୍ଥାଥି ସ୍ୱଚ୍ଛତା ଆଉ ତଥ୍ୟର୍ ସଠିକ୍ ବେଭାର୍‌କେ ଜୋର୍ ଦିଆଯାଇକରି ଇ ସମ୍ମିଳନୀର୍ ଆୟୋଜନ୍ କରାଯାଇଛେ ବଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ ।

(ଭଏସ୍ ଓଭର୍- ଉପମୁଖ୍ୟମନ୍ତ୍ରୀ)

୨୦୨୫ ଡିସେମ୍ବର୍ ମାସେ ହେଇଥିବା ମୁଖ୍ୟ ଶାସନ୍ ସଚିବ ମାନ୍‌କର୍ ସମ୍ମିଳନୀର୍ ଇଟା ପରବର୍ତ୍ତୀ କାର୍ଯ୍ୟକ୍ରମ୍ ଆଏ । ଇଥି ଭିନ୍ ଭିନ୍ ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍‌ର ପ୍ରତିନିଧି ମାନେ ଯୋଗ୍ ଦେଇଛନ୍ । ଆଘୋନୁ ଫେବୃଆରୀ ମାସେ

ନୂଆଦିଲ୍ଲୀ ନ ଆଉ ତାର୍ ଉତ୍ରୁ ଭିନ୍ ଭିନ୍ ରାଜ୍ୟ ନ ହେଇଥିବା ଆଭ୍ୟନ୍ତରିଣ୍ କର୍ମଶାଳାନୁ ମିଲିଥିବା ମତାମତ୍ ଉପ୍ରେ ଇନୁ ବିସ୍ତୃତ୍ ଆଲୋଚନା କରାଯାଉଛେ ।

ବିଲ୍ ଆର୍ଏନ୍ୟୁ/ କଟକ୍

ସମ୍ବିଧାନ୍ର ଶହେ ୩୦ ତମ ସଂଶୋଧନ୍ ବିଲ୍ ୨୦୨୫, ଜମ୍ମୁ କାଶ୍ମୀର୍ ପୁନର୍ଗଠନ୍ ବିଲ୍ ଆଉ କେନ୍ଦ୍ରଶାସିତ୍ ପ୍ରଦେଶ୍ ସର୍କାର୍ ବିଲ୍-୨୦୨୫ ବାବଦ୍ ମିଲିତ୍ ସଂସଦୀୟ କମିଟିର୍ ବୈଠକ୍ ଭୁବ୍ନେଶ୍ୱର୍ ନ ହେଇଯାଇଛେ । ସଂସଦୀୟ କମିଟିର୍ ଅଧ୍ୟକ୍ଷା ଅପରାଜିତା ଷଡ଼ଙ୍ଗୀଙ୍କର୍ ନେତୃତ୍ୱଥି ଆସିଥିବା କମିଟି ଇ ବାବ୍ଦେ ଆଲୋଚନା କରିଛନ୍ । ଲୋକ୍ସଭା ନ ଗଲାବଛର୍ ଅଗଷ୍ଟ ମାସର୍ ୨୦ ତାରିଖ୍ ଦିନ ଗୃହମନ୍ତ୍ରୀ ଇ ୩ ଟା ବିଲ୍କେ ଉପସ୍ଥାପନ୍ କରିଥିଲେ ।

ସମବାୟ ମନ୍ତ୍ରୀ ବର୍ଗଡ୍ ସମ୍ବାଦଦାତା

ରାଜ୍ୟ ସରକାର୍ ବୁଣାକାର୍ ଆଉ ଚାଷୀମାନ୍‌କର୍ ଜୀବନ୍ ଜୀବିକାକେ ସମୃଦ୍ଧ କର୍‌ବାର୍ ଲାଗି ପ୍ରତିଶ୍ରୁତିବଦ୍ଧ ଆନ୍ ବଲି ସମବାୟ ହସ୍ତତନ୍ତ, ବୟନ ଆଉ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ୍ ବଳସାମନ୍ତ କହିଛନ୍ । ବର୍‌ଗଡ୍ ଜିଲ୍ଲା ନ ଆଏଜ୍ ହେଇଥିବା ଖାସ୍ ଉଦ୍‌ଘାଟନ୍ ଆଉ ଶିଲାନ୍ୟାସ୍ ଉତ୍ସବ୍‌ଥି ମନ୍ତ୍ରୀ ଶ୍ରୀ ବଳସାମନ୍ତ ୬୭ କୋଟି ୮୦ ଲାଖ୍ ଟଙ୍କାର୍ ଖର୍ଚ୍ଚାଥି ୬୫ ଟା ପ୍ରକଳ୍ପର୍ ଶୁଭାରମ୍ଭ କରିଛନ୍ । ବେହେରା ବାଏଲ୍‌ଜୁରି ବୁଣାକାର୍ ହାଟ୍‌କେ ବିଶ୍ୱସ୍ତରୀୟ ବିପଣନ୍ କେନ୍ଦ୍ର ବନାବାର୍ ଆଉ ନୂଆଁ ଆପେରେଲ୍ ଇନ୍‌କ୍ୟୁବେସନ୍ ସେଂଟର୍‌ଥି ଯୁଆନ୍ ପିଢ଼ିକେ ନିଯୁକ୍ତି ସୁଯୋଗ୍ ମିଲ୍‌ବା ବଲି ଇ ଅବ୍‌ସରେ ମନ୍ତ୍ରୀ କହିଛନ୍ । ପ୍ରକଳ୍ପ ମାନ୍‌କର୍ ଭିତ୍‌ରେ ବେହେରା ବାଏଲ୍‌ଜୁରି ବୁଣାକାର୍ ହାଟର୍ ଉନ୍ନତିକରଣ୍, ସମ୍ବଲ୍‌ପୁରୀ, ବସ୍ତ୍ରାଳୟର୍ ରଙ୍ଗ ଘର୍‌ର ଆଧୁନିକୀକରଣ୍, ହସ୍ତତନ୍ତ ସଂଗ୍ରହାଳୟର୍ ଥାପ୍‌ନା । ନୂଆଁ ବିକ୍ରି କେନ୍ଦ୍ର, ବାଉଁଶ୍ ହସ୍ତଶିଳ୍ପ ସୁବିଧା କେନ୍ଦ୍ର ଆଉ ଆର୍‌ଏମ୍‌ସି କୃଷିଭିତିକ୍ ପ୍ରକଳ୍ପ ରହିଛେ । କାର୍ଯ୍ୟକ୍ରମ୍‌ଥି ସ୍ଥାନୀୟ ବିଧାୟକ୍, ବିଭାଗୀୟ ଅଧିକାରୀ, ଜିଲ୍ଲାପାଳ୍, ବୁଣାକାର୍ ଆର୍ ଚାଷୀମାନେ ଉପସ୍ଥିତ୍ ଥିଲେ ।

ଅନ୍ତର୍ଜାତୀୟ ନୃତ୍ୟ ଦିବସ୍ ଆର୍ଏନ୍ୟୁ / କଟକ୍

‘ଏକତା- ସୃଜନଶୀଳତା ଆଉ ସାଂସ୍କୃତିକ୍ ଅନ୍ତର୍ଭୁକ୍ତି’ ବାର୍ତା ନେଇକରି ଆଏଜ୍ ପାଲନ୍ କରାଯାଉଛେ ଅନ୍ତର୍ଜାତୀୟ ନୃତ୍ୟ ଦିବସ୍ । ଇ ବାର୍ତାକେ ନେଇକରି ଆଏଜ୍ ସାରା ପୁର୍ଥି ନ ଅନ୍ତର୍ଜାତୀୟ ନୃତ୍ୟ ଦିବସ୍ ପାଲନ୍ କରାଯାଉଛେ । ଫି’ ବଛର୍ ଏପ୍ରିଲ୍ ମାସର୍ ୨୯ ତାରିଖ୍‌କେ ପ୍ରସିଦ୍ଧ ନୃତ୍ୟଶିଳ୍ପୀ ଜିନ୍ ଜର୍ଜେସ୍ ନୋଭେର୍‌ଙ୍କୁ ସୁର୍‌ତା କରିକରି ଇ ଦିବସ୍ ପାଲନ୍ କରାଯାଉଛେ । ୧୯୮୨ ମସିହା ଇଂଟର୍ ନେସ୍‌ନାଲ୍ ଥିଏଟର୍ ଇନ୍‌ଷ୍ଟିଚ୍ୟୁଟ୍‌ର ନୃତ୍ୟ କମିଟି ତର୍‌ଫୁ ଆନ୍ତର୍ଜାତୀୟ ନୃତ୍ୟ ଦିବସ୍ ପାଲନ୍ କର୍‌ବାର୍ ଲାଗି ନିଷ୍ପତି ନିଆଯାଇଥିଲା । ଫି ବଛର୍ ଅନ୍ତର୍ଜାତୀୟ ନୃତ୍ୟ କମିଟି ତର୍‌ଫୁ ଝନେ ନୃତ୍ୟ ଗୁରୁ ନାହେତ ନୃତ୍ୟ ଶିଳ୍ପୀଙ୍କୁ ବଛାଯାଏସି ଆର୍ ସେମାନ୍‌କର୍ ପ୍ରେରଣାତ୍ମକ ବାର୍ତାକେ ଭିନ୍ ଭିନ୍ ଭାଷାଥି ଅନୁବାଦ୍ କରାଯାଇକରି ବିଶ୍ୱସ୍ତରଥି ପ୍ରସାର୍ କରାଯାଏସି ।

ବିଏସ୍‌ଇ ସଭାପତି ବୌଦ୍ଧ ଗସ୍ତ ବୌଦ୍ଧ ସମ୍ବାଦଦାତା

ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ରାଜ୍ୟ ନୋଡ଼ାଲ୍ ଅଧିକାରୀ ଆଉ ଉଚ୍ଚ ମାଧମିକ୍ ଶିକ୍ଷା ପରିଷଦ୍ ସଭାପତି ମୃଣାଲ୍ କାନ୍ତି

ଦାସ ବୌଦ୍ଧ ଜିଲ୍ଲା ଗସ୍ତଥି ଆସିକରି ବିଭାଗୀୟ କାମ୍ ମାନ୍‌କର୍ ସମୀକ୍ଷା କରିଛନ୍ । ଜିଲ୍ଲା ଶିକ୍ଷା ବିଭାଗ୍‌ର ପ୍ରକଳ୍ପ କାର୍ଯ୍ୟାଳୟ ସଭାଗୃହ ନ ହେଇଥିବା ବୈଠକ୍‌ଥି ଶିଶୁବାଟିକାର୍ କାର୍ଯ୍ୟକାରିତା, ମୌଳିକ୍ ସାକ୍ଷରତା ଆଉ ସଂଖ୍ୟାଜ୍ଞାନ୍‌ର ଫଳାଫଲ୍, ପାଠ୍‌ପଢ଼ା, ଶିକ୍ଷକ୍ ଦକ୍ଷତା ଅଭିବୃଦ୍ଧି ବିଷେ ଉପ୍‌ରେ ଆଲୋଚନା କରାଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଖରାର୍ ପ୍ରକୋପ୍ ଜାରି ରହିଛେ । ସେଆଡ଼େ ଆଏବା ୭ ଦିନ୍‌ତକ୍ ରାଜ୍ୟର୍ କେତେଟା ଜିଲ୍ଲା ନ କାଲ୍‌ବୈଶାଖୀର୍ ବଲେ ଧୁକାଗର୍ଡ଼ି ସାଙ୍ଗେ ବର୍ଷା ହେବାର୍ ସମ୍ଭାବନା ରହିଛେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ କୁହାଯାଇଛେ । ସେଆଡ଼େ ଆଏବା ୨୪ ଘଂଟା ଭିତ୍‌ରେ ସୁନ୍ଦର୍‌ଗଡ଼୍, ମୟୁର୍‌ଭଞ୍ଜ୍, କେନ୍ଦୁଝର୍, ବାଲେଶ୍ୱର୍, ଭଦ୍ରକ୍, ଗଞ୍ଜାମ୍ ଆଉ ଗଜପତି ଜିଲ୍ଲା ନ ଧୁକାଗର୍ଡ଼ି ଆଉ ଚଡ଼କ୍ ମାରିକରି ବର୍ଷା ହେବା ବଲି କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।